# NATIONAL NEWS BULLETIN (ODIA)

## 1 February - 2025

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ ।

\- ବଜେଟ୍‌ରେ ୧୦ଟି ପ୍ରମୁଖ କ୍ଷେତ୍ର ଉପରେ କରାଯାଇଛି ଗୁରୁତ୍ୱ ପ୍ରଦାନ ।

\- ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ପ୍ରାଧାନ୍ୟ ।

\- କ୍ଷୁଦ୍ର ଉଦ୍ୟୋଗିକ ଋଣ ଗ୍ୟାରେଣ୍ଟି ୧୦କୋଟି ଟଙ୍କାକୁ ବୃଦ୍ଧି ।

\- ଆଗାମୀ ୩ ବର୍ଷ ମଧ୍ୟରେ ସମସ୍ତ ଜିଲ୍ଲାରେ ଖୋଲିବ କର୍କଟ କେନ୍ଦ୍ର ଏବଂ ଡେ'କେୟାର ସେଣ୍ଟର ।

\- ଟିକସ ବ୍ୟବସ୍ଥାରେ ନୂଆ ବାର୍ଷିକ ଆୟକର ସୀମା ଘୋଷିତ ।

- ବଜେଟ୍ ନେଇ ବିଭିନ୍ନ କ୍ଷେତ୍ରରେ ମିଶ୍ର ପ୍ରତିକ୍ରିୟା ।
- ବଜେଟ୍ ଉପସ୍ଥାପନ ପରେ ଉଭୟ ସଦନ ଆଜି ଦିନକ ପାଇଁ ମୁଲତବୀ ଘୋଷିତ ।

ଏବଂ

- ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ବିଶ୍ୱ ପୁସ୍ତକ ମେଳାକୁ ଉଦ୍‌ଘାଟନ କଲେ ରାଷ୍ଟ୍ରପତି ।

# ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଛନ୍ତି । ଶ୍ରୀମତୀ ସୀତାରମଣ କହିଛନ୍ତି ବିଶ୍ୱରେ ଅନ୍ୟ ସମସ୍ତ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରେ ଭାରତର ଅର୍ଥନୀତି ଦ୍ରୁତବେଗରେ ଆଗେଇ ଚାଲିଛି । ଚଳିତ ବଜେଟ୍‌ରେ ୧୦ଟି ପ୍ରମୁଖ କ୍ଷେତ୍ର ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ସମାବେଶୀ ବିକାଶର ପଥରେ ପ୍ରତ୍ୟେକଙ୍କୁ ସାମିଲ କରିବା ଏହି ବଜେଟ୍‌ର ଲକ୍ଷ୍ୟ ରହିଛି ବୋଲି ମନ୍ତ୍ରୀ କହିଛନ୍ତି । ବିକଶିତ ଭାରତର ଲକ୍ଷ୍ୟ ହାସଲ ଦିଗରେ ଅଭିବୃଦ୍ଧିଶୀଳ ବିକାଶକୁ ବଜେଟ୍‌ରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

ଶ୍ରୀମତୀ ସୀତାରମଣ କହିଛନ୍ତି ଆଗାମୀ ୫ ବର୍ଷ ମଧ୍ୟରେ ନିଯୁକ୍ତି ଭିତ୍ତିକ ବିକାଶ ପାଇଁ ସରକାରଙ୍କର ଲକ୍ଷ୍ୟ ରହିଛି । ଫଳରେ ଏହା ବିକାଶ ଦିଗରେ ଏକକ ସୁଯୋଗ ପ୍ରଦାନ କରିବାରେ ସହାୟକ ହେବ । ସେ କହିଛନ୍ତି ଡାଲିଜାତୀୟ କ୍ଷେତ୍ରରେ ଆତ୍ମନିର୍ଭରତା ହାସଲ କରିବା ଲାଗି କେନ୍ଦ୍ର ସରକାର ୬ବର୍ଷୀୟା ଅଭିଯାନ ଆରମ୍ଭ କରିବେ । ସେହିପରି ଉଚ୍ଚ ଉତ୍ପାଦଭିତ୍ତିକ ମଞ୍ଜି ନିମନ୍ତେ ଜାତୀୟ ମିଶନ ଖୁବ୍‌ଶୀଘ୍ର ଆରମ୍ଭ ହେବ ଏବଂ ଉତ୍ପାଦନ ଓ ବିପଣନ ତ୍ୱରାନ୍ୱିତ କରିବା ନିମନ୍ତେ ମଖନ ବୋର୍ଡ ସ୍ଥାପନ କରାଯିବ ବୋଲି ମନ୍ତ୍ରୀ ଶ୍ରୀମତୀ ସୀତାରମଣ ଘୋଷଣା କରିଛନ୍ତି । ସେହିପରି ଚଳିତ ବଜେଟ୍‌ରେ କର, ଶକ୍ତିକ୍ଷେତ୍ର, ସହରାଞ୍ଚଳ ବିକାଶ, ଖଣି, ଅର୍ଥନୈତିକ କ୍ଷେତ୍ର ଏବଂ ପ୍ରାଧିକରଣ ସଂସ୍କାର ଆଦି ୬ଟି କ୍ଷେତ୍ରରେ

ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯିବାର ଲକ୍ଷ୍ୟ ରହିଛି । ମନ୍ତ୍ରୀ କହିଛନ୍ତି ବିକାଶର ଯାତ୍ରା କ୍ଷେତ୍ରରେ ୪ଟି ଶକ୍ତି ଇଞ୍ଜିନ୍ କୃଷି, ଏମ୍ଏସ୍ଏମ୍ଇ, ପୁଞ୍ଜି ବିନିଯୋଗ ଏବଂ ରପ୍ତାନୀକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ଅର୍ଥମନ୍ତ୍ରୀ ସୂତା ଉତ୍ପାଦକତା ନିମନ୍ତେ ଏକ ସ୍ୱତନ୍ତ୍ର ଅଭିଯାନର ମଧ୍ୟ ଘୋଷଣା କରିଛନ୍ତି । ଦେଶର ପୂର୍ବାଞ୍ଚଳରେ ୩ଟି ୟୁରିଆ ସାର ପ୍ଲାଣ୍ଟ ପୁନଃ ଖୋଲାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ଭାରତୀୟ ଡାକ ବିଭାଗକୁ ଗ୍ରାମାଞ୍ଚଳ ଅର୍ଥନୀତିର ବିକାଶ ଦିଗରେ ପୁନଃ କାର୍ଯ୍ୟକ୍ଷମ କରାଯାଇ ପାରିଥିବା ଶ୍ରୀମତୀ ସୀତାରମଣ କହିଛନ୍ତି ।

ଋଣ ଗ୍ୟାରେଣ୍ଟି ସୀମା ବୃଦ୍ଧି କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି । କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଋଣ ଗ୍ୟାରେଣ୍ଟି ପରିମାଣ ୫ କୋଟିରୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଘୋଷଣା କରାଯାଇଛି । ସେହିପରି ଏମ୍ଏସ୍ଏମ୍ଇ ଉଦ୍ୟୋଗୀ ମାନଙ୍କୁ ଋଣ ଯୋଗାଇଦେବା ପରିମାଣ ୨୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିବା ମନ୍ତ୍ରୀ ଘୋଷଣା କରିଛନ୍ତି । ଆଗାମୀ ୫ ବର୍ଷ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି ମହିଳା ଉଦ୍ୟୋଗୀ ମାନଙ୍କ ନିମନ୍ତେ ପ୍ରଥମଥର ଲାଗି ଋଣ ପରିମାଣ ୨ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିବା ମନ୍ତ୍ରୀ ଘୋଷଣା କରିଛନ୍ତି । ଜୋତା ଏବଂ ଚମଡା ଶିଳ୍ପ କ୍ଷେତ୍ରରେ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯିବା ନିମନ୍ତେ ଗୁରୁତ୍ୱ ପ୍ରଦାନ କରାଯିବ । ସେହିପରି ଖେଳନା ପ୍ରସ୍ତୁତ କ୍ଷେତ୍ରରେ ଭାରତକୁ ବିଶ୍ୱର କେନ୍ଦ୍ରସ୍ଥଳ ଭାବେ ଗଢ଼ିତୋଳିବା ଲାଗି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି । ଶ୍ରୀମତୀ ସୀତାରମଣ କହିଛନ୍ତି ବିଦ୍ୟାଳୟ ମାନଙ୍କରେ ୫୦ହଜାର ଅଟଳ ଲାବୋରାଟୋରୀ

ପ୍ରତିଷ୍ଠା କରାଯିବ ଏବଂ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଦେଶରେ ଦକ୍ଷତା ବିକାଶ ନିମନ୍ତେ ୫ଟି ଜାତୀୟ କେନ୍ଦ୍ର ସ୍ଥାପନ କରାଯିବ । ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକୁ ବ୍ରଡବ୍ୟାଣ୍ଡ ସଂଯୋଗୀକରଣ କରାଯିବ ବୋଲି ଶ୍ରୀମତୀ କହିଛନ୍ତି ।

ସେହିପରି କୃତ୍ରିମ ବୁଦ୍ଧିମତା ଶିକ୍ଷାପ୍ରଦାନ ବ୍ୟବସ୍ଥା ନିମନ୍ତେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ସ୍ଥାପନ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି । ମନ୍ତ୍ରୀ କହିଛନ୍ତି ଆଗାମୀ ୩ ବର୍ଷ ମଧ୍ୟରେ ସମସ୍ତ ଜିଲ୍ଲାରେ କର୍କଟ କେନ୍ଦ୍ର ଏବଂ ଡେ’ କେୟାର ସେଣ୍ଟର ଖୋଲାଯିବ। ଦେଶରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ ନିମନ୍ତେ ଅର୍ଥମନ୍ତ୍ରୀ ଜଳଜୀବନ ମିଶନକୁ ୨୦୨୮ ମସିହା ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯିବ ବୋଲି ଘୋଷଣା କରିଛନ୍ତି । ସେହିପରି ୧ଲକ୍ଷ କୋଟି ଟଙ୍କା ବ୍ୟୟରେ ସହରାଞ୍ଚଳ ପାଣ୍ଠି ସରକାର ଗଠନ କରିବେ ବୋଲି ସେ କହିଛନ୍ତି । ୨୦ ହଜାର କୋଟି ଟଙ୍କା ବ୍ୟୟରେ କ୍ଷୁଦ୍ର ମଡ୍ୟୁଲାର ଆଣବିକ ରିଆକ୍ଟର ସ୍ଥାପନ କରାଯିବ । ଦେରେ ୧୨୦ଟି ନୂତନ ସ୍ଥାନକୁ ସଂଯୋଗ କରିବା ନିମନ୍ତେ ଉନ୍ନୀତ ଉଡାନ ଯୋଜନା ଆରମ୍ଭ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ସେହିପରି ମେଡ଼ିକାଲ କଲେଜ ଗୁଡ଼ିକରେ ୧୦ହଜାର ଅତିରିକ୍ତ ସିଟ୍ ବ୍ୟବସ୍ଥା କରାଯିବ ।

ଘରୋଇ କ୍ଷେତ୍ରରେ ଭାଗିଦାରିତା ସହ ମେଡ଼ିକାଲ ଟୁରିଜିମ ଏବଂ ହିଲ୍ ଇଣ୍ଡିଆ ନୀତି ପ୍ରୋତ୍ସାହିତ କରାଯିବ । ପ୍ରଯୁକ୍ତି ବିଦ୍ୟା ଗବେଷଣା ନିମନ୍ତେ ୧୦ହଜାର ପିଏମ୍ ରିସର୍ଚ୍ଚ ଫେଲୋସିପ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

୨୦୪୭ ମସିହା ସୁଦ୍ଧା ଅତି କମ୍‌ରେ ୧୦୦ ଗିଗାୱାଟ ଆଣବିକ ଶକ୍ତି ଉତ୍ପାଦନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଏହି ଲକ୍ଷ୍ୟ ହାସଲ ନିମନ୍ତେ ଘରୋଇ କ୍ଷେତ୍ର ସହ ଭାଗିଦାରିତା କରି ଆଣବିକ ଶକ୍ତି ନିୟମ ଏବଂ ଆଣବିକ ଶକ୍ତି କ୍ଷୟ ନିୟମରେ ସଂଶୋଧନ ଅଣାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ଟିକସ ବ୍ୟବସ୍ଥାରେ ନୂଆ ବାର୍ଷିକ ଆୟକର ସ୍ଲାବ ଘୋଷଣା କରାଯାଇଛି । ୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଏଣିକି ଟିକସ ଦେବାକୁ ପଡିବ ନାହିଁ । ୪ରୁ ୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ବ୍ୟକ୍ତିଙ୍କ ପାଇଁ ୫ ପ୍ରତିଶତ, ୮ରୁ ୧୨ଲକ୍ଷ ପର୍ଯ୍ୟନ୍ତ ଆୟ ଉପରେ ୧୦ ପ୍ରତିଶତ, ୧୨ରୁ ୧୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ବର୍ଗଙ୍କ ପାଇଁ ୧୫ ପ୍ରତିଶତ ଏବଂ ୧୬ରୁ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ସୀମାରେ ୨୦ ପ୍ରତିଶତ ଟିକସ ଦେବାକୁ ପଡିବ । ୨୦ରୁ ୨୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିଙ୍କ ପାଇଁ ୨୫ ପ୍ରତିଶତ ଏବଂ ୨୪ଲକ୍ଷରୁ ଅଧିକ ଆୟ ଉପରେ ୩୦ ପ୍ରତିଶତ ଟିକସ ପଡିବ । ଅର୍ଥମନ୍ତ୍ରୀ କହିଛନ୍ତି ଏହି ନୂତନ ଟିକସ ବ୍ୟବସ୍ଥା ମଧ୍ୟବିତ୍ତଙ୍କୁ ଯଥେଷ୍ଟ ସହାୟତା ପ୍ରଦାନ କରିବ । ଘରୋଇ ବ୍ୟବହାର, ସଞ୍ଚୟ ଏବଂ ନିବେଶ ବୃଦ୍ଧିପାଇବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏ ନେଇ ପ୍ରତ୍ୟକ୍ଷ ଟିକସ ବାବଦରେ ୧ଲକ୍ଷ କୋଟି ଟଙ୍କା ଏବଂ ପରୋକ୍ଷ ଟିକସ ବାବଦରେ ୨ହଜାର ୬୦୦ କୋଟି ଟଙ୍କା ରାଜସ୍ୱ ସରକାର ଛାଡ କରିବେ । ବରିଷ୍ଠ ନାଗରିକଙ୍କ ପାଇଁ ସୁଧ ଉପରେ ଟିକସ ଛାଡ ସୀମା ୫୦ହଜାର ଟଙ୍କାରୁ ୧ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ଭଡା କ୍ଷେତ୍ରରେ ଟିଡିଏସ୍‌ର ବାର୍ଷିକ ସୀମା ୨ଲକ୍ଷ ୪୦ହଜାରକୁ

ବୃଦ୍ଧି କରାଯାଇଛି । ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ଟିକସ ସଂସ୍କାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

ଅନୁସୂଚିତ ଜାତି ଓ ଜନଜାତି ମହିଳା ଉଦ୍ୟୋଗୀଙ୍କ ପାଇଁ ଏକ ନୂଆ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଆଗାମୀ ୫ ବର୍ଷ ମଧ୍ୟରେ ୨କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା ରହିବ ବୋଲି ସେ ଘୋଷଣା କରିଛନ୍ତି ।

## ବଜେଟ୍ ପ୍ରତିକ୍ରିୟା

ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘ -ଫିକି କେନ୍ଦ୍ର ବଜେଟ୍‌କୁ ସ୍ୱାଗତ କରିଛି । ପର୍ଯ୍ୟଟନ ଓ ସାମୁଦ୍ରିକ କ୍ଷେତ୍ର ଉପରେ ଏହି ବଜେଟ୍ ସକରାତ୍ମକ ପ୍ରଭାବ ପକାଇବ ବୋଲି ଫିକିର ସଭାପତି ହର୍ଷବର୍ଦ୍ଧନ ଅଗ୍ରୱାଲ କହିଛନ୍ତି । ଗଣମାଧ୍ୟମକୁ ସମ୍ବୋଧନ କରି ସେ କହିଛନ୍ତି ଚଳିତବର୍ଷ ବଜେଟ୍‌ର ମୁଖ୍ୟ ଆକର୍ଷଣ ହେଉଛି ଟିକସ ହାର ହ୍ରାସ । ଚମଡା ଉଦ୍ୟୋଗ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଏହି ବଜେଟ୍ ନିଯୁକ୍ତି ବୃଦ୍ଧି କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି ।

ବିଜେପି ଏବଂ ସହଯୋଗୀ ଦଳଗୁଡ଼ିକ ପକ୍ଷରୁ କେନ୍ଦ୍ର ବଜେଟ୍‌କୁ ସ୍ୱାଗତ କରାଯାଇଛି । କୃଷିମନ୍ତ୍ରୀ ଶିବରାମ ସିଂହ ଚୌହ୍ୱାନ କହିଛନ୍ତି କୃଷିକ୍ଷେତ୍ରକୁ ଏଥିରେ ଅଗ୍ରାଧିକାର ଦିଆଯାଇଛି । ଆତ୍ମନିର୍ଭର ଭାରତ ଅଭିଯାନକୁ ଏହି ବଜେଟ୍ ଗତିଶୀତଳ କରିବ ବୋଲି ସେ କହିଛନ୍ତି । ମନ୍ତ୍ରୀ

ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସ୍ୱପ୍ନ ବଜେଟ୍‌ରେ ପ୍ରତିଫଳିତ ହୋଇଛି । ଭାରତକୁ ଆତ୍ମନିର୍ଭରଶୀଳ କରିବାରେ ଏହା ସହାୟକ ହେବ । ଜେଡିୟୁ ସାଂସଦ ସଞ୍ଜୟ କୁମାର ଝା ବଜେଟ୍‌କୁ ସ୍ୱାଗତ କରିବା ସହ ଆୟକର ସୀମାରେ ରିହାତି ଏକ ଭଲ ପଦକ୍ଷେପ ବୋଲି କହିଛନ୍ତି ।

ବହୁ ବିରୋଧୀ ଦଳ ନେତା ବଜେଟ୍‌କୁ ସମାଲୋଚନା କରିଛନ୍ତି । ମଧ୍ୟମ ଏବଂ ଯୁବ ବର୍ଗଙ୍କ ପାଇଁ ଏହି ବଜେଟ୍‌ରେ କୌଣସି ବ୍ୟବସ୍ଥା ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି । ସଂସଦଭବନ ବାହାରେ ଗଣମାଧ୍ୟମ ସହ ମତବିନିମୟ କରି କଂଗ୍ରେସ ସାଂସଦ ଶଶୀ ଥରୁର୍ କହିଛନ୍ତି ବେରୋଜଗାରୀ ଏବଂ ଯୁବବର୍ଗ ସମ୍ମୁଖୀନ ହେଉଥିବା ଆହ୍ୱାନ ଗୁଡ଼ିକ ନେଇ ବଜେଟ୍‌ରେ କୌଣସି ଆଲୋଚନା ହୋଇନାହିଁ ।

ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀ କହିଛନ୍ତି ମଧ୍ୟମ ବର୍ଗଙ୍କ ସୁବିଧା ଲାଗି ବଜେଟ୍‌ରେ କିଛି ବ୍ୟବସ୍ଥା କରାଯାଇନାହିଁ । ଡିଏମ୍‌କେ ସାଂସଦ ଦୟାନିଧି ମାରନ ଅଭିଯୋଗ କରିଛନ୍ତି ଯେ ବଜେଟ୍‌ରେ ମଧ୍ୟମବର୍ଗଙ୍କୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି । ବିହାରରେ ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବହୁ ଘୋଷଣା କରାଯାଇଥିଲେ ମଧ୍ୟ ଦକ୍ଷିଣାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ବଜେଟ୍‌ରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ ବୋଲି ସେ କହିଛନ୍ତି । ଅକାଳିଦଳର ହରସିମ୍ରତ କୌର ବାଦଲ ସମଅଭିଯୋଗ କରି କହିଛନ୍ତି ବଜେଟ୍‌ରେ ପଞ୍ଜାବକୁ ଅଣଦେଖା କରାଯାଇଛି ।

ଅନ୍ୟପକ୍ଷରେ ଶିବସେନା ଉଦ୍ଧବଠାକ୍ରେର ପ୍ରିୟଙ୍କା ଚର୍ତୁବେଦୀ ବଜେଟ୍‌ରେ ଆୟକର ସୀମା ହ୍ରାସକୁ ସ୍ୱାଗତ କରିଛନ୍ତି ।

## ଲୋକସଭା ଆଡଜର୍ଣ୍ଣଡ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଉପସ୍ଥାପନ ପରେ ଲୋକସଭାକୁ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି । ଗୃହରେ ଆଜି ପ୍ରଥମାର୍ଦ୍ଧରେ ବଜେଟ୍ ଉପସ୍ଥାପନ ବେଳେ ବିରୋଧୀ କଂଗ୍ରେସ, ସମାଜବାଦୀ ପାର୍ଟି ଏବଂ ଡିଏମ୍‌କେର ସାଂସଦମାନେ ମହାକୁମ୍ଭ ମେଳା ଦୁର୍ଘଟଣା ନେଇ କକ୍ଷତ୍ୟାଗ କରିଥିଲେ ।

ରାଜ୍ୟସଭାକୁ ମଧ୍ୟ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି । କେନ୍ଦ୍ରୀୟ ବଜେଟ୍ ଲୋକସଭାରେ ଉପସ୍ଥାପନ ପରେ ଏହାର ଏକ କପି ରାଜ୍ୟସଭାରେ ଉପସ୍ଥାପିତ ହୋଇଥିଲା । ଉଭୟ ସଦନର ପରବର୍ତ୍ତୀ ବୈଠକ ସୋମବାର ବସିବ ।

## ରାଷ୍ଟ୍ରପତି-ବୁକ୍ ଫେୟାର ର୍ୟାଲି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା ୨୦୨୫ ଉଦ୍‌ଘାଟନ କରିଛନ୍ତି । ଚଳିବର୍ଷ ପୁସ୍ତକ ମେଳାର ବିଷୟବସ୍ତୁ ରହିଛି “ଆମେ ଭାରତବାସୀ” । ୯ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୁସ୍ତକ ମେଳା ରୁଷ୍ ଉପରେ ଗୁରୁତ୍ୱପ୍ରଦାନ

କରାଯାଇଛି । ବିଶେଷକରି ଫ୍ରାନ୍ସ, ଆର୍ଜେଣ୍ଟିନା, ସ୍ପେନ୍, କଲମ୍ବିଆ, ଆବୁଧାବି ଓ କାତାର ସମେତ ୫୦ଟି ଦେଶ ଏଥିରେ ଅଂଶଗ୍ରହଣ କରିଛନ୍ତି । ଏହି ପୁସ୍ତକମେଳାରେ ୨ ହଜାର ପ୍ରକାଶକଙ୍କ ସମେତ ଏକହଜାର ବକ୍ତା ଯୋଗଦେଇଛନ୍ତି ।